# ପ୍ରଚଳିତ ସ୍ୱଳ୍ପ ସଞ୍ଚୟ ଯୋଜନା

| କ୍ରମିକ ସଂଖ୍ୟା | ପ୍ରଚଳିତ ସ୍ୱଳ୍ପ ସଞ୍ଚୟ ଯୋଜନା | **ସୁଧହାର ତା ୦୧.୦୭.୨୦୨୧ଠାରୁ ତା ୩୦.୦୯.୨୦୨୧ ପର୍ଯ୍ୟନ୍ତ ବୈଧ** | ପରିପକ୍ୱ ଅବଧି | ଜମା ପରିମାଣ | ଅନ୍ୟାନ୍ୟ ସୁବିଧା |
|---|---|---|---|---|---|
| ୧. | ଡାକଘର ସଞ୍ଚୟ ଖାତା<br>Post Office Savings Bank Account(POSB) | ଶତକଡା ବାର୍ଷିକ<br>୪% | | ସର୍ବନିମ୍ନ ୫୦୦ ଟଙ୍କା<br>ସର୍ବୋଚ୍ଚ ସୀମା ନାହିଁ। | ଚେକ୍ ବହି ସୁବିଧା ମିଳେ । ବ୍ୟକ୍ତିଗତ ଖାତା ପାଇଁ ବାର୍ଷିକ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲବ୍ଧ ସୁଧ ସମ୍ପୂର୍ଣ୍ଣ ଆୟକର ମୁକ୍ତ ଅଟେ । |
| ୨ | ଡାକଘର ପୌନଃପୁନିକ ଜମା (ପୋଷ୍ଟ ଅଫିସ ରେକରିଂ ଡିପୋଜିଟ୍) ।<br>(PORD Account) | ୫.୮%<br>୧୦୦ ଟଙ୍କିଆ ଆକାଉଣ୍ଟର ପରିପକ୍ୱ ମୂଲ୍ୟ<br>ଟ. ୬୯୭୦ । | ୫ ବର୍ଷ । ସର୍ବାଧିକ ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରାଯାଇ ପାରେ । | ସର୍ବନିମ୍ନ୧୦୦ ଟଙ୍କା କିମ୍ବା ୧୦ ଟଙ୍କାର ଗୁଣିତକ । ସର୍ବୋଚ୍ଚ ସୀମା ନାହିଁ । | ଜମାକାରୀ ଚାହିଁଲେ 3 ବର୍ଷ ପରେ ଆକାଉଣ୍ଟ ବନ୍ଦ କରିପାରିବେ । ଏକ ବର୍ଷ ପରଠାରୁ ଋଣ ସୁବିଧା ଉପଲବ୍ଧ । |
| ୩ | ମିଆଦି ଜମା<br>୧ ବର୍ଷିଆ<br>୨ ବର୍ଷିଆ<br>୩ ବର୍ଷିଆ<br>୫ ବର୍ଷିଆ<br>Post Office Time Deposit Account (POTD) | ଶତକଡା ବାର୍ଷିକ<br>୫.୫%<br>୫.୫%<br>୫.୫%<br>୬.୭% | ୧ ବର୍ଷ<br>୨ ବର୍ଷ<br>୩ ବର୍ଷ<br>୫ ବର୍ଷ | ସର୍ବନିମ୍ନ ଜମା ୧୦୦୦ ଟଙ୍କା । ସର୍ବୋଚ୍ଚ ସୀମା ନାହିଁ। | ୫ ବର୍ଷିଆ ମିଆଦି ଜମା ଉପରେ ଧାରା ୮୦-ସି ଅନୁଯାୟୀ ଆୟକର ରିହାତି ମିଳେ । |
| ୪ | ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ<br>Public Provident Fund (PPF) | ଶତକଡା ବାର୍ଷିକ ୭.୧% ହାରରେ ଚକ୍ରବୃଦ୍ଧି ସୁଧ ମିଳେ । | ୧୫ ବର୍ଷ | ସର୍ବନିମ୍ନ ଜମା ୫୦୦ ଟଙ୍କା । ସର୍ବୋଚ୍ଚ ୧,୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରତ୍ୟେକ ଆର୍ଥିକ ବର୍ଷରେ ଜମା କରାଯାଇପାରେ । | ଆୟକର ଧାରା ୮୦-ସି ଅନୁଯାୟୀ ଜମା ରାଶି ଆୟକର ମୁକ୍ତ । ସୁଧ ମଧ୍ୟ ସମ୍ପୂର୍ଣ୍ଣ ଆୟକର ମୁକ୍ତ । ୭ମ ଆର୍ଥିକ ବର୍ଷଠାରୁ ଟଙ୍କା ଉଠାଯାଇପାରେ । ଋଣ ସୁବିଧା ଉପଲବ୍ଧ । ସମ୍ପତ୍ତି କର କିମ୍ବା ଉପହାର କର ଲାଗୁ ହୁଏ ନାହିଁ । କୋର୍ଟ ଆଟାଚମେଣ୍ଟ ଠାରୁ ମୁକ୍ତ । |
| ୫ | ଡାକଘର ମାସିକ ଆୟ ଯୋଜନା<br>Post Office Monthly Income Scheme (POMIS) | ଶତକଡା ବାର୍ଷିକ ୬.୬ % ହାରରେ ମାସକୁ ମାସ ସୁଧ ମିଳେ । | ୫ ବର୍ଷ | ସର୍ବନିମ୍ନ ଜମା ୧୦୦୦ ଟଙ୍କା । ସର୍ବୋଚ୍ଚ ସୀମା ବ୍ୟକ୍ତିଗତ ୪ ଲକ୍ଷ ୫୦ ହଜାର, ଯୁଗ୍ମ ୯ ଲକ୍ଷ ଟଙ୍କା । | ପରିପକ୍ୱ ପୂର୍ବରୁ ସର୍ତ୍ତମୂଳକ ଉଠାଣ କରାଯାଇପାରେ । ୧,୫୦,୦୦୦ ଟଙ୍କା ଜମା ରାଶିରେ ମାସକୁ ଟ. ୮୨୫.୦୦ ସୁଧ ମିଳେ । |
| ୬ | ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ ଅଷ୍ଟମ ଇସ୍ୟୁ ।<br>National Savings Certificate 8th Issue<br>(NSC 8th Issue) | ଶତକଡା ବାର୍ଷିକ ୬.୮% ହାରରେ ବାର୍ଷିକ ଚକ୍ରବୃଦ୍ଧି ସୁଧ ମିଳେ । ୧୦,୦୦୦ ଟଙ୍କା ୫ ବର୍ଷରେ ଟ. ୧୩,୮୯୫ ହୁଏ । | ୫ ବର୍ଷ | ସର୍ବନିମ୍ନ ୧୦୦୦ ଟଙ୍କା, ସର୍ବୋଚ୍ଚ ସୀମା ନାହିଁ। | ଜମା ଏବଂ ବାର୍ଷିକ ଅର୍ଜିତ ସୁଧ ଉପରେ ଆୟକର ନିୟମ ଧାରା ୮୦-ସି ଅନୁଯାୟୀ ରିହାତି ମିଳେ । |

| | | | | | |
|---|---|---|---|---|---|
| ୭ | ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା<br>Senior Citizen Savings Scheme (SCSS) | ଶତକଡା ବାର୍ଷିକ ୭.୪% ହାରରେ ପ୍ରତି ୩ ମାସରେ ଅର୍ଥାତ୍ ମାର୍ଚ୍ଚ ୩୧, ଜୁନ୍ ୩୦, ସେପ୍ଟେମ୍ବର ୩୦ ଏବଂ ଡିସେମ୍ବର ୩୧ ତାରିଖରେ ସୁଧ ପ୍ରଦାନ କରାଯାଏ ।<br>୧,୦୦,୦୦୦ ଟଙ୍କା ଜମା ଉପରେ ତ୍ରୟ ମାସିକ ୧୮୫୦ଟଙ୍କା ସୁଧ ମିଳେ । | ୫ ବର୍ଷ ।<br>ଚାହିଁଲେ ଆଉ ତିନି ବର୍ଷ ବୃଦ୍ଧି କରାଯାଇ ପାରେ । | ସର୍ବନିମ୍ନ ୧,୦୦୦ ଟଙ୍କା କିମ୍ବା ଏହାର ଗୁଣିତକ । ସର୍ବୋଚ୍ଚ ୧୫ ଲକ୍ଷ ଟଙ୍କା । | କ୍ଷମତାପ୍ରାପ୍ତ ସମସ୍ତ ବ୍ୟାଙ୍କ ଏବଂ ପୋଷ୍ଟ ଅଫିସରେ ଏହି ଆକାଉଣ୍ଟ ଖୋଲାଯାଇପାରେ । ଆୟକର ନିୟମ ୮୦-ସି. ଧାରା ଅନୁସାରେ ଆୟକର ରିହାତି ମିଳେ। |
| ୮ | କିଷାନ ବିକାଶ ପତ୍ର<br>Kishan Vikas Patra<br>(ଗତ ୧୮.୧୧.୨୦୧୪ ଠାରୁ ପୁନଃ ପ୍ରଚଳନ ହୋଇଛି) | ଶତକଡା ବାର୍ଷିକ ୬.୯% ହାରରେ ଚକ୍ରବୃଦ୍ଧି ସୁଧ ମିଳେ । ୧୦୦୦ ଟଙ୍କା ୧୦ ବର୍ଷ ୪ ମାସରେ ଦ୍ଵିଗୁଣିତ ହୋଇ ୨୦୦୦ ଟଙ୍କାର ପରିପକ୍ୱ ରାଶି ପ୍ରଦାନ କରେ । | ୧୦ ବର୍ଷ ୪ ମାସ | ସର୍ବନିମ୍ନ ୧୦୦୦ ଟଙ୍କା । ସର୍ବୋଚ୍ଚ ସୀମା ନାହିଁ । | ୨ ବର୍ଷ ୬ ମାସ ପରେ ଜମାକାରୀ ଚାହିଁଲେ ଅର୍ଥ ଉଠାଇ ପାରିବେ । ଋଣ ଉଠାଣ ନିମନ୍ତେ ଏହାକୁ ବନ୍ଧକ ସ୍ୱରୂପ ଜମା କରାଯାଇପାରେ । |
| ୯ | ସୁକନ୍ୟା ସମୃଦ୍ଧି ଯୋଜନା<br>Sukanya Samridhi Yojana<br>୨୧.୦୧.୨୦୧୫ ରିଖରେ ନୂତନ ଭାବେ ପ୍ରଚଳିତ। | ୭.୬% ବାର୍ଷିକ ଚକ୍ରବୃଦ୍ଧି ସୁଧ | ୨୧ ବର୍ଷ ।<br>ଖାତା ଖୋଲିବାର ପ୍ରଥମ ୧୫ ବର୍ଷ ପର୍ଯ୍ୟନ୍ତ ଟଙ୍କା ଜମା କରିବାକୁ ହୁଏ । | ଖାତା ଖୋଲିବା ପାଇଁ ସର୍ବନିମ୍ନ ୨୫୦ ଟଙ୍କା ଏବଂ ପରବର୍ତ୍ତି ଜମା ୫୦ ଟଙ୍କା କିମ୍ବା ତାହାର ଗୁଣିତକ । ସର୍ବୋଚ୍ଚ ୧,୫୦,୦୦୦/- ଗୋଟିଏ ଆର୍ଥିକ ବର୍ଷରେ ଜମା କରାଯାଇପାରେ । | ୧୦ ବର୍ଷ ବୟସ ପର୍ଯ୍ୟନ୍ତ କନ୍ୟା ନାମରେ ଏହି ଆକାଉଣ୍ଟ ଖୋଲାଯାଇ ପାରେ । ସର୍ବାଧିକ ୨ଟି (ସ୍ଥଳ ବିଶେଷରେ ୩ଟି) ଆକାଉଣ୍ଟ୍ ଖୋଲାଯାଇ ପାରେ । ୧୮ ବର୍ଷ ବୟସ ପ୍ରାପ୍ତି କିମ୍ବା ୧୦ମ ଶିକ୍ଷା ସମାପ୍ତ ପରେ କନ୍ୟାର ଉଚ୍ଚଶିକ୍ଷା ଏବଂ ବିବାହ ଖର୍ଚ୍ଚ ପାଇଁ ଜମା ଅର୍ଥର ୫୦ ପ୍ରତିଶତ ଟଙ୍କା ର ଆଂଶିକ ଉଠାଣ କରାଯାଇପାରେ । ୨୧ ବର୍ଷ ଅବଧି ପୂର୍ବରୁ କନ୍ୟାର ବିବାହ କ୍ଷେତ୍ରରେ ଏକାଉଣ୍ଟ୍ ବନ୍ଦ କରାଯାଇପାରେ । ମାତ୍ର କନ୍ୟାର ବୟସ ୧୮ କିମ୍ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ । ଆୟକର ଧାରା ୮୦-ସି ଅନୁସାରେ ଆୟକର ରିହାତି ଉପଲବ୍ଧ । |

- ସ୍ଥାନାନ୍ତରୀକରଣ ସୁବିଧା ସମସ୍ତ ଯୋଜନାରେ ଉପଲବ୍ଧ।
- ସୁକନ୍ୟା ସମୃଦ୍ଧି ଯୋଜନା ବ୍ୟତୀତ ମନୋନୟନ ସୁବିଧା ସମସ୍ତ ଯୋଜନାରେ ଉପଲବ୍ଧ।
- ସୁଧହାର ତ୍ରୟୋମାସିକ ପରିବର୍ତ୍ତନଶୀଳ।